# NATIONAL NEWS BULLETIN (ODIA)

## 19 June 2026

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ପି.ଏମ୍.-ଭି.ବି.ଆର୍.ୱାଇ ଯୋଜନାର ହିତାଧିକାରୀଙ୍କୁ ଆଜି ନୂଆଦିଲ୍ଲୀରେ ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ।
- ଆନ୍ତର୍ଜାତିକ ସିକିଲ୍‌ସେଲ୍ ଦିବସ ଅବସରରେ ଆଜି ମଧ୍ୟପ୍ରଦେଶରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଅଂଶଗ୍ରହଣ କରିବେ ରାଷ୍ଟ୍ରପତି ।

– ପରେ ଓଡ଼ିଶା ଗସ୍ତରେ ଯିବାର ରହିଛି କାର୍ଯ୍ୟସୂଚୀ ।

- ଭାରତ ସମଗ୍ର ବିଶ୍ୱରେ ଏକ ବିଶ୍ୱସ୍ତ ଭାଗିଦାରୀ ରୂପେ ଉଭା ହୋଇଛି, ପ୍ରଧାନମନ୍ତ୍ରୀଙ୍କ ମତବ୍ୟକ୍ତ ।

ଏବଂ

- ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍‌ର ଗତକାଲିର ମ୍ୟାଚ୍‌ରେ ୩-୨ ଗୋଲ୍‌ରେ ଉରୁଗୁଏକୁ ପରାସ୍ତ କଲା ଭାରତ ।

# ପିଏମ୍-ରୋଜଗାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା – ପିଏମ୍-ଭିବିଆର୍‌ୱାଇ ଅଧୀନରେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବେ।

ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ଏହି ଅବସରରେ  ପ୍ରାୟ ୨ ହଜାର ୪୦୦ କୋଟି ଟଙ୍କାର ଅର୍ଥ ରାଶି ପ୍ରଦାନ କରିବେ । ଗତ ବର୍ଷ ଅଗଷ୍ଟ ମାସରୁ ପି.ଏମ୍-ଭିବିଆର୍‌ୱାଇ ଯୋଜନା ଅଧୀନରେ ୬୩ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ସେଥିମଧ୍ୟରେ ପ୍ରାୟ ୩୦ ପ୍ରତିଶତ ମହିଳା ଥିବା ସେ କହିଛନ୍ତି ।

ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଏହି ଅର୍ଥ ପ୍ରଦାନ ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ପ୍ରମୁଖ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଦେଶରେ ଛୋଟ ଛୋଟ ଉଦ୍ୟୋଗୀମାନଙ୍କୁ ସହାୟତା ଯୋଗାଇଦେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ତଥା ଭାରତର ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ଭାବେ ଏହି ଯୋଜନାର ଉଲ୍ଲେଖନୀୟ ଭୂମିକା ଉପରେ ଶ୍ରୀ ମାଣ୍ଡବ୍ୟ ଆଲୋକପାତ କରିଛନ୍ତି । ସେ

କହିଛନ୍ତି, ଦେଶବ୍ୟାପୀ ଅଦ୍ୟାବଧି ଏହି ଯୋଜନା ଅନ୍ତର୍ଗତ ୧୫ ଲକ୍ଷ ହିତାଧିକାରୀଙ୍କୁ ନିଯୁକ୍ତି ପାଇବାରେ ସହାୟତା ମିଳିପାରିଛି। ଯୋଜନାରେ କର୍ମକ୍ଷେତ୍ରରେ ପ୍ରବେଶ କରୁଥିବା ନୂତନ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ।

ଗତ ବର୍ଷ ଅଗଷ୍ଟ ମାସ ପହିଲାରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ସମୁଦାୟ ୯୯ ହଜାର ୪୪୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦୁଇ ବର୍ଷ ମଧ୍ୟରେ ୩ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର ସୃଷ୍ଟିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରହିଛି। ଯେଉଁଥିରେ କର୍ମକ୍ଷେତ୍ରରେ ନୂତନ ନିଯୁକ୍ତି ପାଇଥିବା ପ୍ରାୟ ୧ କୋଟି ୯୨ ଲକ୍ଷ ନୂତନ କର୍ମଚାରୀ ସାମିଲ ଅଛନ୍ତି।

## ପ୍ରେଜ୍-ସିକିଲ୍‌ସେଲ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଆନ୍ତର୍ଜାତିକ ସିକିଲ୍‌ସେଲ୍ ଦିବସ ଅବସରରେ ମଧ୍ୟପ୍ରଦେଶର ଓମ୍‌କାରେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଅଂଶଗ୍ରହଣ କରିବେ । ପରେ ରାଷ୍ଟ୍ରପତି ସେଠାରୁ ଓଡ଼ିଶା ଗସ୍ତରେ ଯିବେ ।

ଏହି ସମୟରେ ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ରାଷ୍ଟ୍ରପତି' ଜିଲ୍ଲାର କୁସୁମି ବ୍ଲକ ଅନ୍ତର୍ଗତ ୧୧୩ଟି ଖଣି ପ୍ରଭାବିତ ଗ୍ରାମରେ ଏକ ବୃହତ ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହାବ୍ୟତୀତ ହାଟବଦ୍ରାଠାରେ ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ମାତୃଶକ୍ତି ଭବନ, ଏକ ସ୍ୱତନ୍ତ୍ର ସର୍କିଟ ହାଉସ ଏବଂ ରାଇରଙ୍ଗପୁରରେ ନବନିର୍ମିତ ପୁଲିସ ଜିଲ୍ଲାର ଲୋକାର୍ପଣ କରିବେ।

ରାଷ୍ଟ୍ରପତି ଆସନ୍ତାକାଲି ପାହାଡ଼ପୁର ଗସ୍ତ କରିବେ । ଶ୍ରୀମତୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଏକ ସାଧାରଣ ସଭାରେ ଯୋଗଦେଇ ରାଜ୍ୟରା ବିକାଶପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ଇଣ୍ଡିଆନ୍ କମୁନିଟି

ଭାରତ ସମଗ୍ର ବିଶ୍ୱରେ ଏକ ବିଶ୍ୱସ୍ତ ଭାଗିଦାରୀ ରୂପେ ଉଭା ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତ ରାତିରେ ପ୍ୟାରିସ୍‌ଠାରେ ଭାରତୀୟ ସମ୍ପ୍ରଦାୟକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଦିନ ଥିଲା ଯେତେବେଳେ କି ଦେଶ ଦେଶ ମଧ୍ୟରେ ସମ୍ପର୍କ କେବଳ ବାଣିଜ୍ୟ ଦ୍ୱାରା ନିର୍ଦ୍ଧାରିତ ହେଉଥିଲା । ମାତ୍ର ବର୍ତ୍ତମାନ ଏହି କ୍ଷେତ୍ରରେ ବାଣିଜ୍ୟ ସହିତ ବିଶ୍ୱାସର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଏକ ବିଶ୍ୱସ୍ତ ଯୋଗାଣ ଶୃଙ୍ଖଳ ଓ ସ୍ଥିର ଭାଗିଦାରୀ ଲାଗି ପ୍ରତ୍ୟେକ ଦେଶ ଆଶାବ୍ୟକ୍ତ କରିଥାନ୍ତି । ଏଥିସହିତ ଦୀର୍ଘ ସମୟ ଧରି ବିଶ୍ୱାସ କରିପାରୁଥିବା ଏକ ଭାଗିଦାରୀ ରାଷ୍ଟ୍ରର ଅନ୍ୱେଷଣରେ ପ୍ରତ୍ୟେକ ଦେଶ ରହିଛନ୍ତି । ଏତଦ୍‌ବ୍ୟତୀତ ଆଗାମୀ ପିଢ଼ି ଲାଗି ଅଭିବୃଦ୍ଧି, ନବସୃଜନ ଏବଂ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ କରିଥାନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O1--PM---TRUSTED-PARTNER**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଯାତ୍ରାରେ ଏହା ହେଉଛି ଏକ ନିର୍ଦ୍ଧାରକ ସମୟ, ଯେତେବେଳେ ଆକାଂକ୍ଷାଗୁଡ଼ିକ ଏକ ନୂତନ ଶିଖରରେ ପହଞ୍ଚି ପାରିଛନ୍ତି । ଏଭିଆନ୍ ଠାରେ ଅନୁଷ୍ଠିତ ଜି-୭ ବୈଠକରେ ଏକ ବିଶ୍ୱସ୍ତ ଭାଗିଦାରୀର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏକ ସମାବେଶୀ ବିଶ୍ୱସ୍ତରୀୟ ସୁ-ଶାସନ ହିଁ ଅଧିକ ଫଳପ୍ରଦ ହୋଇପାରିବ ବୋଲି ଚଳିତ ଜି-୭ ବୈଠକରେ ଭାରତର ସ୍ୱଷ୍ଟ ବାର୍ତ୍ତା ରହିଛି । ସେ କହିଛନ୍ତି, ବିଶ୍ୱସ୍ତରରେ ଅଭିବୃଦ୍ଧି ଚିରସ୍ଥାୟୀ କରିବାକୁ ହେଲେ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ମାନବିକତା ଯେଭଳି ପ୍ରକୃତରେ ଉପକୃତ ହୋଇପାରିବ ସେଥିପ୍ରତି ଗୁରୁତ୍ୱଦେବା ଆବଶ୍ୟକ । ଏହି ଆହ୍ୱାନମୂଳକ ସମୟରେ ଭାରତ-ଫ୍ରାନ୍ସ ଭାଗିଦାରୀ ବିଶ୍ୱାସ, ସ୍ଥିରତା ଓ ସହଯୋଗର ଏକ

ସଶକ୍ତ ସ୍ତମ୍ଭ ରୂପେ ଉଭା ହୋଇଛି ବୋଲି ସେ କହିଛନ୍ତି । ଦୁଇ ଦେଶର ସମ୍ପର୍କକୁ ଏକ ସ୍ୱତନ୍ତ୍ର ବୈଶ୍ୱିକ ରଣନୈତିକ ଭାଗିଦାରୀରେ ପରିଣତ କରିବା ଲାଗି ଦୁଇପକ୍ଷ ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଆଗାମୀ ବର୍ଷ ଭାରତ-ଫ୍ରାନ୍ସ ତ୍ରିଷ୍ଣା ଉପଗ୍ରହ ପ୍ରେରଣ କରିବ । ଏହି ଉପଗ୍ରହ ମାଧ୍ୟମରେ ବିଶ୍ୱରେ ଜଳ ଓ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତରେ ତାଙ୍କ ସରକାର ୧୨ ବର୍ଷ ପୂର୍ତ୍ତି କରିଥିବା ସମୟରେ ସେ ଫ୍ରାନ୍ସରେ ପହଞ୍ଚିଛନ୍ତି । ଗତ ୧୨ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଭାରତ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛି । ଏହା ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ହାସଲ ହେବା ସହିତ ଜନସାଧାରଣ ଅଧିକ ସଶକ୍ତ ହୋଇଛନ୍ତି । ଏହି ସମୟ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି –

**V/O- 3-PM-INDIAN-COMMUNITY—FINAL**

# ପିଏମ୍-ପ୍ୟାରିସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଦୁଇଦେଶୀୟ ଗସ୍ତ ଅବସରରେ ଏକ ସଫଳ ତଥା ଫଳପ୍ରଦ ପ୍ୟାରିସ୍ ପରିଦର୍ଶନ ଶେଷ କରି ଗତକାଲି ଭାରତ ଅଭିମୁଖେ ଯାତ୍ରା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ’ ଭାରତ-ଫ୍ରାନ୍ସ ବନ୍ଧୁତ୍ୱ

ଆଗାମୀ ଦିନରେ ଅଧିକ ସଶକ୍ତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ନିସ୍ ଠାରେ ଭାରତ ଇନୋଭେଟ୍ସ କାର୍ଯ୍ୟକ୍ରମ ପରେ ଏଭିଆନ୍‌ରେ ଜି-୭ ସମ୍ମିଳନୀ ଏବଂ ପରେ ପ୍ୟାରିସ୍‌ରେ ଭିଭାଟେକ୍ ସମ୍ମିଳନୀରେ ଉଦ୍‌ବୋଧନ ଦେବା ସହିତ ବହୁ ସଂଖ୍ୟାରେ ଗୋଷ୍ଠୀଗତ କାର୍ଯ୍ୟକ୍ରମ ଏବଂ ସ୍ଥାନୀୟ ଅଗ୍ରଣୀ ଶିଳ୍ପାନୁଷ୍ଠାନଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ମତବିନିମୟ ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗ ଅଧିକ ସୁଦୃଢ଼ ହୋଇପାରିବ । ଏଥିଲାଗି ଶ୍ରୀ ମୋଦୀ' ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍, ଫ୍ରାନ୍ସ ସରକାର ଏବଂ ସେଠାକାର ଦେଶବାସୀଙ୍କ ପ୍ରତି ନିଜର କୃତଜ୍ଞତା ଜଣାଇଛନ୍ତି ।

ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଶ୍ରୀ ମୋଦୀଙ୍କର ଏହି ସଫଳ ଗସ୍ତ ମାଧ୍ୟମରେ ଭାରତ-ଫ୍ରାନ୍ସ ସ୍ୱତନ୍ତ୍ର ବୈଶ୍ୱିକ ରଣନୈତିକ ଭାଗିଦାରିକୁ ଅଧିକ ଗତି ମିଳିବା ସହିତ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗକୁ ଆଗେଇ ନେବା ଦିଗରେ ଥିବା ପ୍ରତିବଦ୍ଧତା ଅଧିକ ସଶକ୍ତ ହୋଇପାରିବ ।

## ମାକ୍ରନ-ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫ୍ରାନ୍ସ ଗସ୍ତ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ତାଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ

ଭିଡ଼ିଓ ପୋଷ୍ଟ କରିଛନ୍ତି । ଏହି ଗସ୍ତ ଲାଗି ରାଷ୍ଟ୍ରପତି ମାକ୍ରନ ଶ୍ରୀ ମୋଦୀଙ୍କୁ ଧନ୍ୟବାଦ ଦେବା ସହିତ ଏହି ଗସ୍ତକୁ ଫଳପ୍ରଦ ବୋଲି ଅବିହିତ କରିଛନ୍ତି । ଏହାଦ୍ୱାରା ଦୁଇ ଦେଶର ବନ୍ଧୁତ୍ୱ ଅଧିକ ସଶକ୍ତ ହୋଇପାରିବ ବୋଲି ସେ କହିଛନ୍ତି । ଆସନ୍ତା ଫେବୃୟାରୀ ମାସରେ ଶ୍ରୀ ମୋଦୀଙ୍କୁ ସେ ସାକ୍ଷା ହେବ ବୋଲି ଶ୍ରୀ ମାକ୍ରନ୍ ଆଶାବ୍ୟକ୍ତ କରିଛନ୍ତି ।

**V/O2--MACRON-IN-HINDI**

# ପିଏମ୍-କିଶାନ୍-ଡବ୍ଲ୍ୟୁବି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନ ନିଧି – ପି.ଏମ୍. କିଶାନ ଯୋଜନାର ୨୩ତମ କିସ୍ତି ଅର୍ଥ ପ୍ରଦାନ କରିବେ । ଆସନ୍ତାକାଲି ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାର ତାରକେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ଶ୍ରୀ ମୋଦୀ ଏହି ଅର୍ଥ ରାଶି ପ୍ରଦାନ କରିବେ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଦେଇଛି । ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଦେଶ ବ୍ୟାପି ୯ କୋଟି ୪୪ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ୧୮ ହଜାର ୮୮୦ କୋଟି ଟଙ୍କା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର – ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ । ସେଥିମଧ୍ୟରୁ ୨ କୋଟି ୧୮ ଲକ୍ଷରୁ ଅଧିକ ମହିଳା ଚାଷୀ ଅନ୍ତର୍ଭୁକ୍ତ ।

୨୦୧୯ ଫେବୃୟାରୀ ମାସରେ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ଆସନ୍ତାକାଲି ପ୍ରଦାନ କରାଯିବାକୁ ଥିବା ଅର୍ଥରାଶିକୁ ମିଶାଇ ଆବର୍ଣ୍ଟିତ ଅର୍ଥରାଶିର ପରିମାଣ ୪ ଲକ୍ଷ ୪୬ ହଜାର କୋଟିରୁ ଅଧିକ ହେବ ବୋଲି ମନ୍ତ୍ରଣାଳୟ କହିଛି । ଏହି ଗସ୍ତ ଅବସରରେ ପଶ୍ଚିମବଙ୍ଗରେ କେତେକ ପ୍ରମୁଖ କୃଷି ପଦକ୍ଷେପର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏଥିମଧ୍ୟରେ ପ୍ରଧାନମନ୍ତ୍ରୀ ଫସଲବିମା ଯୋଜନା ଓ ପୁନଃ ପ୍ରସ୍ତୁତ ପାଣିପାଗ ଆଧାରିତ ଫସଲବୀମା ଯୋଜନା ଆଦି ଅନ୍ତର୍ଭୁକ୍ତ ।

## ହକି

ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍‌ର ଗତକାଲିର ମ୍ୟାଚ୍‌ରେ ଭାରତ’ ଉରୁଗୁଏକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଏଥିସହିତ ଭାରତ କ୍ରମାଗତ ଭାବେ ତୃତୀୟ ବିଜୟ ହାସଲ କରି ପୁଲ୍-ଏ’ର ପଏଣ୍ଟ ତାଲିକାର ସର୍ବୋଚ୍ଚ ସ୍ଥାନରେ ରହିବା ସହିତ ସେମିଫାଇନାଲ୍ ପର୍ଯ୍ୟାୟକୁ ଅଗ୍ରସର ହେଉଛି । ଆସନ୍ତାକାଲି ଭାରତୀୟ ଦଳ ଚିଲିକୁ ଭେଟିବ ।